# Akashvani, Sambalpur

## SAMBALPURI NEWS BULLETIN

### 29 June 2025- 6.47- 6.52 am.

**********************************************

ରଥଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମାହାପୁରୁମାନ୍‌କର୍ ଆଡ଼ପ ମଣ୍ଡପ ବିଜେ ନୀତି ହେବା । ଗୋଟି ପହଣ୍ଡିଥି ମାହାପୁରୁମାନେ ଆଡ଼ପମଣ୍ଡପକେ ବିଜେ କର୍‌ବେ । ଗଲାକାଏଲ୍ ତିନ୍‌ହି ରଥ ଗୁଣ୍ଡିଚା ମନ୍ଦିର୍ ପାଖେ ଲାଗ୍‌ବାର୍ ଉତ୍‌ରୁ ରଥ ଉପ୍‌ରେ ମାହାପୁରୁମାନ୍‌କର୍ ସବୁ ନୀତିକାନ୍ତି କରାଯାଇକରି ରାତି ପହୁଡ଼ କରାଯାଇଥିଲା । ଆଏଜ୍ ଉପର୍‌ବେଲା ମାହାପୁରୁମାନ୍‌କର୍ ସନ୍ଧ୍ୟାଧୂପ ଆର୍ ସନ୍ଧ୍ୟାଆଲ୍‌ତୀ ବଢ଼୍‌ବାର୍ ଉତ୍‌ରୁ ପହଣ୍ଡି ଲାଗି ରଥ ନ ନ ଚାରମାଳ ଲଗାଯିବା । ତାର୍ ଉତ୍‌ରୁ ବନ୍ଦାବନା କରାଯାଇକରି ମାହାପୁରୁମାନେ ଆଡ଼ପମଣ୍ଡପ୍‌କେ ବିଜେ କର୍‌ବେ । ଆଏବାକାଏଲ୍‌ଠାନୁ ଗୁଣ୍ଡିଚା ମନ୍ଦିର୍ ନ ଭକ୍ତମାନ୍‌କୁ ଆଡ଼ପ ଅବଢ଼ା ମିଲ୍‌ବା ବଲି ସୂଚ୍‌ନା ମିଲିଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ର ମୁଖ୍ୟ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଗୁଇନ୍ଦା ଏଜେନ୍ସି ରିସର୍ଚ୍ଚ ଏଣ୍ଡ ଏନାଲିସିସ୍ ୱିଙ୍ଗ୍- 'ର' ର ନୂଆଁ ମୁଖ୍ୟ ଭାବେ ଆଇପିଏସ୍ ଅଧିକାରୀ ପରାଗ୍ ଜୈନ୍‌ଙ୍କୁ କେନ୍ଦ୍ର ସର୍‌କାର୍

ନିଯୁକ୍ତି ଦେଇଛନ୍ । ଆଏବା ଜୁଲାଇ ୧ ତାରିଖ୍‌ନୁ ସେ କାର୍ଯ୍ୟଭାର ସମ୍ଭଲାବେ । ତାଙ୍କର୍ କାର୍ଯ୍ୟକାଳ ୨ ବରସ୍ ଲାଗି ରହେବା । ଆଏବା କାଏଲ୍ ଅବସର୍ ନେବାର୍‌କେ ଯାଉଥିବା ରବି ସିହ୍ନାଙ୍କର୍ ଜାଗା ନ ତାଙ୍କୁ ନିଯୁକ୍ତି ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ଅଭିଯୋଗ୍ ଶୁଣାଣି ଶିବିର୍ ଠାନେ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ସଖାଲର୍ ସାଢ଼େ ୧୦ ବଜେନୁ ଭୁବ୍‌ନେଶ୍ୱର୍ ୟୁନିଟ୍-୨ ନ ଥିବାର୍ ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ପରିସର୍ ନ ଇ ଜନଶୁଣାଣି କରାଯିବା ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଜେପି ରାଜ୍ୟ ସଭାପତି ନିର୍ବାଚନ୍ ପ୍ରକ୍ରିୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍‌ଠାନୁ ବିଜେପି ରାଜ୍ୟ ସଭାପତି ନିର୍ବାଚନ୍ ପ୍ରକ୍ରିୟା ମୁଲ୍ ହେବା । ୩ ଦିନ୍ ଧରିକରି ଇ ନିର୍ବାଚନ୍ ପ୍ରକ୍ରିୟା ଚାଲ୍‌ବା । ତାର୍ ଉତ୍‌ରୁ ରାଜ୍ୟ ସଭାପତିଙ୍କର୍ ନାଁ ଘୋଷ୍‌ନା କରାଯିବା ବଲି ରାଜ୍ୟ ନିର୍ବାଚନ୍ ଅଧିକାରୀ

ଆଉ ବାଲେଶ୍ୱର୍ ସାଂସଦ୍ ପ୍ରତାପ୍ ଷଡ଼ଙ୍ଗୀ ସୂଚ୍ନା ଦେଇଛନ୍ । ସେ କହିଛନ୍, ବିଜେପିର୍ ସ୍ଥାନୀୟ ସମିତି, ମଣ୍ଡଲ୍ ସମିତି ଆଉ ଜିଲ୍ଲା ସମିତି ନିର୍ବାଚନ୍ ପ୍ରକ୍ରିୟା ଶେଷ୍ ହେଇଛେ । ଜୁଲାଇ ୧ ତାରିଖ୍ତକ୍ ରାଜ୍ୟର୍ ସାଂଗଠନିକ୍ ନିର୍ବାଚନ୍ ପ୍ରକ୍ରିୟା ଶେଷ୍ ହେବା । ଇଥିର୍ଲାଗି କେନ୍ଦ୍ର ନିର୍ବାଚନ୍ ଅଧିକାରୀଙ୍କର୍ ତର୍ଫୁ ବିହାର୍ ସାଂସଦ୍ ସଞ୍ଜୟ ଜୟଶଓ୍ୱାଲ୍ଙ୍କୁ ପର୍ଯ୍ୟବେକ୍ଷକ୍ ଭାବେ ନିଯୁକ୍ତି ଦିଆଯାଇଛେ ବଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ ।

ଏମ୍ଏସ୍ଏମ୍ଇ ପାର୍କ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ୧୧ ଟା ନୂଆଁ ଅଣୁ, କ୍ଷୁଦ୍ର ଆଉ ମଧମ୍ ଉଦ୍ୟୋଗ୍ ପାର୍କ ଥାପ୍ନା କରାଯିବା । ସେନ୍ତା ଇହାଦେ କାମ୍ କରୁଥିବା ପାର୍କ ମାନ୍କୁ ଭିଲ୍ ସମ୍ପ୍ରସାରଣ୍ କରାଯିବା । ଇ ବାବ୍ଦେ ରାଜ୍ୟ ସର୍କାର୍ ପ୍ରକ୍ରିୟା ମୁଲ୍ କରିଛନ୍ । ଇତାର୍ସହେତେ ଫି' ଜିଲ୍ଲା ନ ଭିଲ୍ ଏମ୍ଏସ୍ଏମ୍ଇ ପାର୍କ ଥାପ୍ନା କର୍ବାର୍କେ ସର୍କାର୍ ଯୋଜ୍ନା ରଖିଛନ୍ ବଲି ଏମ୍ଏସ୍ଏମ୍ଇ ବିଭାଗ୍ ସଚିବ ହେମନ୍ତ ଶର୍ମା କହିଛନ୍ । ଶ୍ରୀ ଶର୍ମା କହିଛନ୍, ରାଏଜେ ଏମ୍ଏସ୍ଏମ୍ଇ ମାନ୍କର୍ ଜରିଏ ୫୦ ଲାଖ୍ନୁ ଅଏତ୍କା ଲୁକ୍କୁ ନିଯୁକ୍ତି ଦିଆଯାଇଛେ । ଆଏବା ୨୦୨୭ ତକ୍ ରାଜ୍ୟ ୩ ଲାଖ୍ ୫୦ ହଜାର୍ କୋଟି ଟଙ୍କାର୍ ରପ୍ତାନୀ ଲକ୍ଷ୍ୟ ରଖିଛେ ବଲି ଶ୍ରୀ ଶର୍ମା କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍- ହଲ୍‌ଧର୍ ନାଗ୍ ବର୍‌ଗଡ୍ ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍ ବର୍‌ଗଡ୍ ଠାନେ ସମ୍ବଲ୍‌ପୁରୀ ଭାଷାର୍ ସୁନାମଧନ୍ୟ ଲୋକକବି ପଦ୍ମଶ୍ରୀ ହଲ୍‌ଧର୍ ନାଗ୍ ଆର୍ ତାକର୍ ସାହିତ୍ୟ ବାବ୍‌ଦେ ହେଇଥିବା ୨ ଦିନିଆ "ହଲ୍‌ଧର୍ ସଜନ୍ ଆର୍ ଦର୍ଶନ୍" ଜାତୀୟ ଆଲୋଚନାଚକ୍ରଥି ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସମ୍ବଲ୍‌ପୁରୀ ଭାଷାକେ ସର୍ବଭାରତୀୟ ସ୍ତରଥି ପରିଚୟ ଦେବାର୍ ଲାଗି ଇ ଆଲୋଚନାଚକ୍ର ଖୋବ୍ ସାହାଜ୍ କର୍‌ବା ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । କବି ହଲ୍‌ଧର୍ ନାଗ୍ ଲେଖିଥିବା କେତେଟା ଗ୍ରନ୍ଥାବଳୀ ଆଉ ସଂକଳନ୍‌କେ ଭିଲ୍ ଶ୍ରୀ ପ୍ରଧାନ୍ ଉନ୍ମୋଚନ୍ କରିଛନ୍ ।

ଧାନ୍‌ଘିନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଡାଲୁଆ ଧାନ୍‌ଘିନା ଆଏବାକାଏଲ୍ ସର୍‌ବା । ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍, ଧାନ୍ ଘିନା ଲାଗି ସମୟସୀମାକେ ଆଉ ବଢ଼ାନାଇଁଯାଏ । ରାଏଜେ ଇହାଦତକ୍ ୧୭ ଲାଖ୍ ୪୩ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନା ସରିଛେ । ଗଲାବଛର୍ ଇ ସମିଆ ଭିତ୍‌ରେ ୧୨ ଲାଖ୍ ୪୦ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନା ଯାଇଥିଲା ।

ଅଦିନିଆ ବର୍ଷା ଲାଗି ନୁକ୍ସାନ୍ ହେଇଥିବା ଚାଷୀମାନ୍‌କୁ ସର୍‌କାର୍ ଜଲ୍‌ଦି ସାହାଜ୍ ଯୁଗେଇ ଦେବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ବନିଥିବା ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ମାସ ୪ ତାରିଖ୍‌ତକ୍ ବର୍ଷା ଲାଗି ରହେବା । ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର, ବଲାଙ୍ଗିର୍, ବର୍‌ଗଡ଼୍, ବୌଦ୍ଧ ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।